# ପୌର ପରିଷଦ କାର୍ଯ୍ୟାଳୟ : ବଲାଙ୍ଗିର


**OFFICE OF THE MUNICIPAL COUNCIL: BALANGIR**

Address: - Office of the Municipal Council Balangir, Opp. Of Rajendra Park Balangir.

Pin: -767001, Ph No.: - 06652-232720, Email ID:- bgrmc1972@gmail.com


ପତ୍ର ସଂଖ୍ୟା 1416 //                                                    ତା. 2.3.26 //

## ବିଜ୍ଞାପନ

ସରକାରଙ୍କର ଜନସ୍ୱାସ୍ଥ୍ୟ ବିଭାଗପତ୍ର ସଂଖ୍ୟା-୩୬୬ ତା.୧୧.୦୨.୨୦୨୧, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପତ୍ରସଂଖ୍ୟା-୪୦୧୪ ତା.୨୮.୦୯.୨୦୨୧, ଓ ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗିର ପତ୍ରସଂଖ୍ୟା-୧୩୬ ତା.୧୯.୦୧.୨୦୨୬ ଅନୁଯାୟୀ ୦୯ (ନଅ) ଗୋଟି "ଜଳସାଥୀ" ଚୟନ ସକାଶେ ଆବେଦନ ପତ୍ର ଆହ୍ବାନ କରାଯାଉଅଛି । ଏଥି ନିମନ୍ତେ ବଲାଙ୍ଗିର ପୌର ପରିଷଦ ଅନ୍ତର୍ଗତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଓ ଆଂଚଳିକସ୍ତରୀୟ ମହିଳା ମହାସଂଘ ଗୁଡିକୁ ଜଣାଇଦିଆଯାଉଅଛି କି ମିଶନଶକ୍ତି ଗୋଷ୍ଠୀ ର ଯେ କୌଣସି ସଦସ୍ୟା ଏହି ପ୍ରକ୍ରିୟାରେ ଭାଗ ନେବା ପାଇଁ ଚାହୁଁଛନ୍ତି ସେ ଏହି ପ୍ରକ୍ରିୟାରେ ଭାଗ ନେବା ସମ୍ବନ୍ଧୀୟ ମିଶନଶକ୍ତି ଗୋଷ୍ଠୀ ତରଫରୁ ଆବେଦନକାରୀ ସଦସ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ, ପରିଶିଷ୍ଟ "କ" ରେ ପ୍ରଦାନ କରାଯାଇଥିବା **Basic Information of MSG with Acknowledgement from Bank** ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହ ତା.୧୩.୦୩.୨୦୨୬ ଅପରାହ୍ଣ ଘ:୪.୦୦ ସମୟ ସୁଦ୍ଧା ପୌର ପରିଷଦର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସ ରେ ସିଧାସଳଖ ଭାବରେ ବନ୍ଦ ଲଫାପାରେ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ, ଏବଂ ଆସନ୍ତା ତା.୧୮.୦୩.୨୨୦୨୬ ସମୟ ଘ:୪.୦୦ ପୌର ପରିଷଦସ୍ତରୀୟ ଚୟନ କମିଟୀ ବୈଠକରେ ନିମ୍ନସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟର ସଭାଗୃହ ଠାରେ ଆବେଦନ ପତ୍ର ଗୁଡିକୁ ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସ ରୁ ଖୋଲାଯିବା ସହ ଯାଂଚ କରାଯିବ । ପରିଶିଷ୍ଟ "ଖ" ରେ ଦିଆଯାଇଥିବା **Assessment Index** ଅନୁସାରେ ମାର୍କ ଆଧାରରେ ଚୟନ କରାଯିବ । ଯଦି ଏକାଧିକ ମିଶନଶକ୍ତି ଗୋଷ୍ଠୀ ଆବେଦନକାରୀ ସଦସ୍ୟା ସମାନ ମାର୍କ ଅର୍ଜନ କରନ୍ତି, ତେବେ ଜଳସାଥୀ ଭାବେ ଅନ୍ତିମ ଚୟନ ଲଟେରୀ ପ୍ରକ୍ରିୟା ମାଧ୍ୟମରେ କରାଯିବ । ଲଫାପା ଉପରେ "ଜଳସାଥୀ ନିମନ୍ତେ ଆବେଦନ ପତ୍ର" ଲେଖାଥିବା ଆବଶ୍ୟକ । ସବିଶେଷ ବିବରଣୀ **http://balangir.odisha.gov.in** ରେ ଉପଲବ୍ଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ

ପୌର ପରିଷଦ, ବଲାଙ୍ଗିର

Executive Officer

Bolangir Municipality

ପରିପତ୍ର ସଂଖ୍ୟା 1417 /                    ତା. 2.3.26 /

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ବଲାଙ୍ଗିର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ

ପୌର ପରିଷଦ, ବଲାଙ୍ଗିର

Executive Officer

Bolangir Municipality

ପରିପତ୍ର ସଂଖ୍ୟା.....1418...../          ତା....2.3.26...../

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବଲାଙ୍ଗୀର / ନିର୍ବାହୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗୀର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଲାଙ୍ଗୀର ଙ୍କ ଅବଗତି ଓ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

ପରିପତ୍ର ସଂଖ୍ୟା.....1419...../          ତା....2.3.26...../

ଏହାର ଏକକିତା ନକଲ ବଲାଙ୍ଗୀର ପୌର ପରିଷଦ, ପୌରାଧ୍ୟକ୍ଷ / ଉପ-ପୌରାଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

ପରିପତ୍ର ସଂଖ୍ୟା.....1420...../          ତା....2.3.26...../

ଏହାର ଏକକିତା ନକଲ **Dist. Mission Manager, Community Organizer** ପୌର ପରିଷଦ, ବଲାଙ୍ଗୀର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

ପରି ପତ୍ର ସଂଖ୍ୟା : 1421          ତାରିଖ : 2.3.26

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

ପରି ପତ୍ର ସଂଖ୍ୟା : 1422          ତାରିଖ : 2.3.26

ଏହାର ଏକକିତା ନକଲ NIC, Balangir ଙ୍କ website ରେ upload କରିବା ନିମନ୍ତେ ପ୍ରେରଣ କରାଗଲା

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

**ଦରକାରୀ ଦସ୍ତାବିଜ :-**

୧. ମିଶନଶକ୍ତି ଗୋଷ୍ଠୀ ଅଧିବେଶନ ଖାତାର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସର ନକଲ ।

୨. ମିଶନଶକ୍ତି ଗୋଷ୍ଠୀର ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସର ବ୍ୟାଙ୍କ Statement ର ନକଲ

## ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା:-

୧. ଆବେଦନକାରୀ ଙ୍କ ବୟସ ୧୮ ରୁ ୪୪ ବର୍ଷ ହୋଇଥିବା ଆବଶ୍ୟକ ।

୨. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ହୋଇଥିବେ ଏବଂ ଦୁଇ ବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ କାମ କରିଥିବେ ।

୩. ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ (ଶିକ୍ଷାଗତ ଯୋଗ୍ୟତା) ପାସ କରିଥିବା ଆବଶ୍ୟକ ।

୪. ଆବେଦନକାରୀଙ୍କ ନାମରେ ପାସବୁକ୍ ସହିତ ଡେବିଟ କାର୍ଡ (ATM) ଥିବା ଆବଶ୍ୟକ ।

୫. ଆବେଦନକାରୀଙ୍କ ବ୍ୟକ୍ତିଗତ ସ୍ମାର୍ଟ ଫୋନ (Smart Phone) ଥିବା ଆବଶ୍ୟକ ।

୬. ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନଥିବେ (ଯଥା-ସ୍ୱଚ୍ଛ ଭାରତ ମିଶନ) ।

୭. ଆବେଦନକାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସଂପୃକ୍ତ ନଥିବ ।

ଏତତ୍‌ବ୍ୟତିତ ଏଥିସହ ସଂଲଗ୍ନ ସର୍ତ୍ତାବଳୀକୁ ଆବେଦନ ପୂର୍ବରୁ ସଂପୂର୍ଣ୍ଣ ପଠନ କରିବା ଆବଶ୍ୟକ ।

ବି.ଦ୍ର: ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
Executive Officer
ପୌର ପରିଷଦ, ବଲାଙ୍ଗୀର
Bolangir Municipality

## ସର୍ତ୍ତାବଳୀ:-

ଏତଦ୍‌ଦ୍ୱାରା ଆପଣମାନଙ୍କୁ ଏହି ବିଷୟରେ ଅବଗତ କରାଇ ଦିଆଯାଉଅଛି ଯେ ଜଳସାଥୀ ପଦବୀଟି ସଂପୂର୍ଣ୍ଣ ଭାବରେ **Incentive Based** ନିଯୁକ୍ତି ଅଟେ । ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗୀର ଦ୍ୱାରା ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଇଥିବା ପାନୀୟଜଳ ବାବଦକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଶିକୁ ଅସୁଲ କରିବା, ମାସିକ ଜଳ ପରୀକ୍ଷା, ନୂତନ ପାନୀୟଜଳ ସଂଯୋଗ, ସକାଶେ ସର୍ବମୋଟ ୯ (ନଅ) ଗୋଟି ଜଳସାଥୀ ପୌର ପରିଷଦ, ବଲାଙ୍ଗୀର ପାଇଁ ଆବଶ୍ୟକ ଥିବା ଦୃଷ୍ଟିରୁ ଏବଂ ସରକାରଙ୍କର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ଦ୍ଦେଶ ପତ୍ରସଂଖ୍ୟା-୧୩୬ ତା.୧୯.୦୧.୨୦୨୬ ଅନୁଯାୟୀ ମନୋନୟନ କରିବା ସକାଶେ ନିଷ୍ପତି ନିଆଯାଇଅଛି । ଏହି "ଜଳସାଥୀ" ମାନେ ମନୋନୀତ ହେଲାପରେ ସଂପୂର୍ଣ୍ଣ ରୂପେ ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗୀର ଦ୍ୱାରା ପରିଚାଳିତ ହେବେ ଏବଂ ତାଙ୍କ ନିର୍ଦ୍ଦେଶ, ଉପଦେଶ, ନୀତି ଓ ନିୟମ ଅନୁଯାଇ କାର୍ଯ୍ୟ କରିବେ । ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା ସହିତ MPOS Machine ପାଇବା ପାଇଁ ଏହାର Security deposit ବାବଦକୁ ଟ.୧୦,୦୦୦/- (ଦଶ ହଜାର ଟଙ୍କା) (ଫେରସ୍ତ ଯୋଗ୍ୟ) ହିସାବରେ ଜନସ୍ୱାସ୍ଥ୍ୟ ବିଭାଗରେ ଥିବା ଅଧିକାରୀଙ୍କ ନାମରେ deposit କରିବାପାଇଁ ସମର୍ଥ ରହିଥିବା ଆବଶ୍ୟକ । ପରବର୍ତି ସମୟରେ ଜଳସାଥୀ ମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗୀର ଦ୍ୱାରା ଆନୁଷ୍ଠାନିକ ଭାବରେ ନିଯୁକ୍ତିପତ୍ର ଦେବାସହିତ ଚୁକ୍ତିକରିବା ସଙ୍ଗେ ସଙ୍ଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ।

## ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ (ଧାର୍ଯ୍ୟ) ପ୍ରୋତ୍ସାହନ ରାଶି:-

୧. ଜଳସାଥୀ ମାଧ୍ୟମରେ ଘରୋଇ (ଏକଗୋଟି ଘର) ନୂତନ ଜଳ ସଂଯୋଗ କରିବା ପାଇଁ ଟ.୧୦୦/- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବନ୍ଧୀୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳ ଯୋଗ ବାବଦକୁ ଟ. ୨୦୦/- ଏବଂ ଟ.୧୦୦୦/- ସର୍ବୋଚ୍ଚ ମାସକୁ ଯୋଗାଇ ଦେବାପାଇଁ ସ୍ଥିର କରାଯାଇଅଛି ।

୨. ପ୍ରତ୍ୟେକ ମାସରେ ଜଳସାଥୀ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶିର ୨.୫ ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଅଛି ଯାହାକି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବା ।

୩. ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀଙ୍କ ଦ୍ୱାରା ଅତି କମ ରେ ୨୦ (କୋଡିଏ) ଥର ଜଳର ମାତ୍ରା ବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂ ଗୋଟିଏ ପରୀକ୍ଷା ବାବଦକୁ ଜଳସଥୀମାନଙ୍କୁ ଟ.୨୦୦/- ହିସାବରେ ପ୍ରଦାନ କରାଯିବ ।

୪. ପୌର ପରିଷଦ ଦ୍ୱାରା ମନୋନୀତ ହୋଇଥିବା ଜଳସାଥୀ ମାନଙ୍କୁ ପ୍ରଥମ ତିନିମାସ (୩) ଅତିକମରେ ଟ.୩୦୦୦/- (ପ୍ରତ୍ୟେକ ଜଳସାଥୀ) ଜନସ୍ୱାସ୍ଥ୍ୟ ବିଭାଗ, ବଲାଙ୍ଗିର ଦ୍ୱାରା ପ୍ରଦାନ କରାଯିବା ଏହା ବାବଦକୁ ।
(କ) ପ୍ରତ୍ୟେକ ମାସରେ ଅତିକମରେ ଜଳଯୋଗାଣ ହୋଇଥିବା ୨୦୦ ଗୋଟି ପରିବାରକୁ ପରିଦର୍ଶନ କରିବା ଆବଶ୍ୟକ ।
(ଖ) ଗୋଟିଏ ଜଳସାଥୀଙ୍କ ଦ୍ୱାରା ପ୍ରତ୍ୟେକ ଦିନ ଗୋଟିଏ ପରୀକ୍ଷଣ (ଜଳର ମାତ୍ରା ବା ମାନ ଓ ଗୁଣ ପରୀକ୍ଷା) ହେବା ଆବଶ୍ୟକ ।

୫. ଯଦି, ଏହି ତିନିମାସ ମଧ୍ୟରେ ପ୍ରତ୍ୟେକ ମାସ ଜଳସାଥୀ ମାନଙ୍କ ଦ୍ୱାରା ଆଦାୟ ହୋଇଥିବା ମୋଟ ରାଶିର ପରିମାଣ ଅନୁସାରେ ୨.୫ ପ୍ରତିଶତ ପ୍ରତ୍ସାହନ ରାଶି ହିସାବରେ ଯଦି ଧାର୍ଯ୍ୟ କରାଯାଇଥିବା ଟ.୩୦୦୦/- ଠାରୁ ଅଧିକ ହୁଏ, ତେବେ ଟ.୩୦୦୦/- ସହିତ ଅଧିକ ହୋଇଥିବା ରାଶିକୁ ପ୍ରଦାନ କରାଯିବ ।

୬. ଏହା ବ୍ୟତିତ ପ୍ରଥମ ତିନିମାସ ମଧ୍ୟରେ ଜଳସଥୀ ମାନଙ୍କ ଦ୍ୱାରା ପରିବାରକୁ ନୂତନ ଜଳ ସଂଯୋଗ, ମାସିକ ଜଳକର ଆଦାୟ, ଜଳ ପରୀକ୍ଷଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଇବା ବାବଦକୁ ମାସିକ ଟ.୧୦୦୦/- ଜନସ୍ୱାସ୍ଥ୍ୟ ବିଭାଗ/ **WATCO** ଦ୍ୱାରା ପ୍ରଦାନ କରାଯିବ ।

**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ପୌର ପରିଷଦ, ବଲାଙ୍ଗିର**
Executive Officer
Bolangir Municipality

ପରିଶିଷ୍ଟ - "କ"

# Basic Information of MSG with Acknowledgement from Bank

1. Name of the SHG-
2. SHG Address-
3. Date of SHG formation-
4. Total Numbers of Members in SHG-
5. Present Livelihood Activities Undertaking-
6. Bank and Branch Name-
7. Bank Account Number –
8. Contact Number of SHG-
9. Funds Available in the savings Bank Account-
   - Regular Savings (Yes/No) –
   - Amount of Savings-
   - Loan Taken From Bank (Yes/No)- ............ (If Yes, Loan Amount- .....................)
   - Mode of Loan Repayment (Regular/Irregular)-
   - Meeting Register Maintained (Yes/No) –

Seal & Signature of the SHG President
Date:

Seal & Signature of the SHG Secretary
Date:

## Acknowledgement from Bank

This is to certify that the ......................................... Mission Shakti Group of Balangir Municipality, Ward No ............, Account Number ......................................... is having Regular Repayment of Loan/ Non Performing Asset/Not Availed any Loan.

Seal & Signature of the Bank Manager/Authorised Signatory
Date:

ପରିଶିଷ୍ଟ - "ଅ"

# ASSESSMENT INDEX

| SL NO | Assesment Parameter | Marks | Means of Verification | Remarks |
|---|---|---|---|---|
| 1 | Adherence to standard Practices of Group (Pancha Sutra) | 20 | Register & Bank Passbook Of Mission Shakti Group | Regular Meeting-4<br>Regular Saving-4<br>Regular Internal Lending-4<br>Regular Repayment-4<br>Regular Record Keeping-4 |
| 2 | No of Active Member | 10 | Register & Bank Passbook Of Mission Shakti Group | 10 Active Members -10<br>7 to 9 Active Members -8<br>4 to 7 Active Members -6<br>Less than 4 Active Members -0 |
| 3 | Educational Qualification | 20 | Documents verification | $10^{th}$ Class=10<br>Above $10^{th}$ Class=20 |
| | Total Marks | 50 | | |

# ପୌର ପରିଷଦ କାର୍ଯ୍ୟାଳୟ : ବଲାଙ୍ଗିର

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧. | ଆବେଦନକାରୀ ଙ୍କ ନାମ | |
| ୨. | ଆବେଦନକାରୀ ବାସ କରୁଥିବା ଅଂଚଳର ସମ୍ପୂର୍ଣ୍ଣ ଠିକଣା | |
| ୩. | ଆବେଦନକାରୀ ଙ୍କ ବୟସ | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀ ର ନାମ | |
| ୫. | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି ? | |
| ୬. | ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୭. | ଆବେଦନକାରୀଙ୍କର ମୋବାଇଲ ନମ୍ବର | |

ସଙ୍କଳ୍ପନାମା : ମୁଁ କୁମାରୀ/ଶ୍ରୀମତୀ.......................................................... ବାପା/ସ୍ୱାମୀଙ୍କ ନାମ........................................................ ଘୋଷଣା କରୁଅଛିକି, ମୋର ନିଜର ସ୍ମାର୍ଟ ଫୋନ ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

**ଆବେଦନକାରୀ ସଭ୍ୟାଙ୍କର ସାକ୍ଷର**

**ସଂଲଗ୍ନ କରାଯାଉଥିବା ଆବଶ୍ୟକୀୟ ଦସ୍ତାବିଜ :-**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ ଓ ମାର୍କ ସିଟ ଉଭୟର ନକଲ)
୨. ଜନ୍ମ ତାରିଖର ପ୍ରମାଣ ପତ୍ର ର ନକଲ (ଆଧାର କାର୍ଡ)
୩. ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ)
୪. ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀ ନକଲ
୫. ବ୍ୟକ୍ତିଗତ ବ୍ୟାଙ୍କ ପାସବୁକ୍ ର ନକଲ ।
୬. ପାସପୋର୍ଟ ଫୋଟୋ-୧ ଟି

**ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର** **ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର**